# NATIONAL NEWS BULLETIN (ODIA)
## 7 September - 2024
## Morning Bulletin : 7.15 a.m.

*******************************

## ମୁଖ୍ୟ ସମ୍ବାଦ

- ପିଏମ୍ ଗତିଶକ୍ତି ନେଟୱର୍କ ପ୍ଲାନିଂ ଗ୍ରୁପ୍ ବୈଠକରେ ଓଡ଼ିଶାର ୨ଟି ପ୍ରକଳ୍ପ ସମେତ ୧୮ଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପର ସମୀକ୍ଷା ।
- ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶକୁ ଦିନିକିଆ ଗସ୍ତରେ ଯିବେ ।
- ଓଡ଼ିଶାର ଚାନ୍ଦିପୁରସ୍ଥିତ ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ଗତକାଲି ସଫଳତାର ସହ  ଅଗ୍ନି-୪ର ରାତ୍ରିକାଳୀନ ପରୀକ୍ଷା ସଂପନ୍ନ ।
- ଦେଶବ୍ୟାପୀ ଆଜି ପାଳନ ହେଉଛି ବିଘ୍ନ ବିନାଶକ ଅଗ୍ରପୂଜ୍ୟ ଶ୍ରୀଗଣେଶଙ୍କ ପୂଜନୋତ୍ସବ ।

ଏବଂ

- ଉତ୍ତରପ୍ରଦେଶର ହାଥ୍ରସ ଜିଲ୍ଲାରେ ସଡ଼କ ଦୁର୍ଘଟଣାରେ ୧୨ ଜଣଙ୍କର ମୃତ୍ୟୁ, ୧୬ ଆହତ

– କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଅନୁକମ୍ପାମୂଳକ ସହାୟତା ଘୋଷଣା

# ପିଏମ୍-ଗତିଶକ୍ତି

ପିଏମ୍ ଗତିଶକ୍ତି ଅଧୀନରେ ନେଟଓ୍ୱର୍କ ପ୍ଲାନିଂ ଗ୍ରୁପ୍‌ର ୭୮ତମ ବୈଠକରେ ଓଡ଼ିଶାର ୨ଟି ପ୍ରକଳ୍ପ ସମେତ ୧୮ଟି ଗୁରୁତ୍ୱପୂର୍ଣ୍ଣ ସଡ଼କ ପ୍ରକଳ୍ପର ସମୀକ୍ଷା କରାଯାଇଛି । କେନ୍ଦ୍ର ଶିଳ୍ପ ଆଭ୍ୟନ୍ତରୀଣ ବାଣିଜ୍ୟ ପ୍ରୋତ୍ସାହନ ବିଭାଗର ଅତିରିକ୍ତ ସଚିବ ରାଜୀବ ସିଂ ଠାକୁରଙ୍କ ଅଧ୍ୟକ୍ଷତାରେ ଗତକାଲି ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଏହି ବୈଠକରେ ସମୀକ୍ଷା କରାଯାଇଛି । ସୂଚନା ଅନୁଯାୟୀ ଓଡ଼ିଶା ସମେତ ତାମିଲନାଡୁ, କେରଳ, କର୍ଣ୍ଣାଟକ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର, ତେଲଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ବିହାର ଆଦି ବିଭିନ୍ନ ରାଜ୍ୟରେ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକୁ ପି.ଏମ୍ ଗତିଶକ୍ତି ଜାତୀୟ ମାଷ୍ଟରପ୍ଲାନରେ ଦର୍ଶାଯାଇଥିବା ସମନ୍ୱିତ ଯୋଜନା ନୀତି ଅନୁଯାୟୀ କାର୍ଯ୍ୟକାରୀ କରାଯିବ ।

ଓଡ଼ିଶାର ସମ୍ବଲପୁର ସହର ଚତୁର୍ପାର୍ଶ୍ୱରେ ୩୫ ଦଶମିକ ୩/୮ କିଲୋମିଟର ଲମ୍ବ ଓ ଚାରିଲେନ୍ ବିଶିଷ୍ଟ ଏହି ସଡ଼କ ପ୍ରକଳ୍ପ ମାଧ୍ୟମରେ ଟ୍ରାଫିକ୍ ସମସ୍ୟା ହ୍ରାସ କରାଯାଇ ପାରିବ । ଏତଦ୍‌ବ୍ୟତୀତ ରାଜ୍ୟର

ଆର୍ଥିକ କ୍ଷେତ୍ର ଓ ପ୍ରମୁଖ ବନ୍ଦର ଗୁଡ଼ିକରେ ଶିଳ୍ପ ଅଭିବୃଦ୍ଧି ଦିଗରେ ସହାୟକ ହେବ ବୋଲି ଜଣାପଡ଼ିଛି ।

ସେହିଭଳି କଟକ-ପାରାଦ୍ୱୀପ ୮୬ ଦଶମିକ ୭/୯ କିଲୋମିଟର ଲମ୍ବ ୪ ଲେନ୍ ବିଶିଷ୍ଟ ଏହି ପ୍ରସ୍ତାବିତ ରାଜପଥ ପ୍ରକଳ୍ପଟି ପାରାଦ୍ୱୀପ ବନ୍ଦରକୁ ଆର୍ଥିକ ସହଯୋଗ  ଦିଗରେ ସାହାଯ୍ୟ କରିବ । ଏହାଦ୍ୱାରା ସ୍ଥାନୀୟ ଅଞ୍ଚଳର ସାମାଜିକ ଆର୍ଥିକ ବିକାଶରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ବୈଠକରେ ବହୁମୁଖୀ ଭିତ୍ତିଭୂମି ଆଧାରିତ ସମନ୍ୱିତ ବିକାଶ, ଆର୍ଥିକ ଓ ସାମାଜିକ ସ୍ତରରେ ସମନ୍ୱିତ କାର୍ଯ୍ୟକାରିତା ଆଧାରରେ ୧୮ଟି ପ୍ରକଳ୍ପର ମୂଲ୍ୟାଙ୍କନ କରାଯାଇଛି । ବିଭିନ୍ନ ପରିବହନ ମାଧ୍ୟମକୁ ସମନ୍ୱୟ କରିବା ସହିତ ସାମାଜିକ ଓ ଆର୍ଥିକ ଲାଭ ପ୍ରଦାନ କରି ଦେଶର ସାମଗ୍ରିକ ବିକାଶରେ ଏହି ପ୍ରକଳ୍ପ ଗୁଡ଼ିକ ସହାୟକ ହେବ ବୋଲି ବୈଠକରୁ ଜଣାଯାଇଛି ।

# ଭିପି-ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆଜି ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶକୁ ଦିନିକିଆ ଗସ୍ତରେ ଯିବେ । ଏହି ଗସ୍ତ ଅବସରରେ ଶ୍ରୀ ଧନଖଡ଼ ଉତ୍ତରପ୍ରଦେଶର ଗୋରଖପୁର ଜିଲ୍ଲାରେ ଏକ ନୂତନ ସୈନିକ ସ୍କୁଲ୍‌ର ଉଦ୍‌ଘାଟନ କରିବେ । ପରେ ଚିତ୍ରକୂଟ ଠାରେ ଥିବା ଜଗଦ୍‌ଗୁରୁ ରାମଭଦ୍ରାଚାର୍ଯ୍ୟ ଦିବ୍ୟାଙ୍ଗ ରାଜ୍ୟ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଆଧୁନିକ ଜୀବନରେ ଋଷି ପରମ୍ପରା ସଂପର୍କିତ ଏକ ଦୁଇଦିନିଆ ଜାତୀୟ

କର୍ମଶାଳାରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ବୋଧନ ଦେବେ । ଉତ୍ତରପ୍ରଦେଶ ଗସ୍ତ ଶେଷ କରି ଉପରାଷ୍ଟ୍ରପତି ମଧ୍ୟପ୍ରଦେଶ ସାତ୍‌ନା ର ଚିତ୍ରକୂଟସ୍ଥିତ ଦୀନଦୟାଲ ଗବେଷଣା ପ୍ରତିଷ୍ଠାନରେ ନାନାଜୀ ଦେଶମୁଖଙ୍କ ପ୍ରତିମୂର୍ତ୍ତିରେ ମୂଲ୍ୟାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି ।

# ପିଏମ୍-ଆକି ଆବେ

ଜାପାନର ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ସିଞ୍ଜୋ ଆବେଙ୍କ ପତ୍ନୀ ଆକି ଆବେ ଗତକାଲି ନୂଆଦିଲ୍ଲୀଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି । ଏ ସଂପର୍କରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ସହିତ ତାଙ୍କର ଘନିଷ୍ଠ ବ୍ୟକ୍ତିଗତ ବନ୍ଧୁତା ସଂପର୍କରେ ସ୍ମୃତିଚାରଣ କରିଛନ୍ତି । ଭାରତ-ଜାପାନ ସଂପର୍କର ସମ୍ଭାବନା ଉପରେ ଆକି ଆବେଙ୍କ ବିଶ୍ୱାସ ଆମ ଲାଗି ସ୍ଥାୟୀ ପ୍ରେରଣାର ଉତ୍ସ ହୋଇ ରହିବ ବୋଲି ଶ୍ରୀ ମୋଦୀ କହିଛନ୍ତି । ଏହାଛଡ଼ା ଶ୍ରୀମତୀ ଆବେଙ୍କ ଭାରତ ସହ ନିରନ୍ତର ସହଯୋଗକୁ ସେ ପ୍ରଶଂସା କରିଛନ୍ତି ।

# ଅଗ୍ନି-୪

ଓଡ଼ିଶାର ଚାନ୍ଦିପୁରସ୍ଥିତ ସମନ୍ୱିତ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ରରୁ ଗତକାଲି ଅଗ୍ନି-୪ର ରାତ୍ରିକାଳୀନ ପରୀକ୍ଷା ସଫଳତାର ସହ ସଂପନ୍ନ ହୋଇଛି । ଆଣବିକ ଯୁଦ୍ଧାସ୍ତ୍ର ବହନ କରି ୪ ହଜାର କିଲୋମିଟର ଦୂରପର୍ଯ୍ୟନ୍ତ ଲକ୍ଷ୍ୟ

ଭେଦ କରିବାର କ୍ଷମତା ଥିବା ଏହି ଦୂରଗାମୀ ବାଲାଷ୍ଟିକ୍ କ୍ଷେପଣାସ୍ତ୍ର ପରୀକ୍ଷଣ ସମୟରେ ସମସ୍ତ ପାରାମିଟର ସଠିକ୍ ଭାବେ ସଂପନ୍ନ ହୋଇଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି । ଏହି କ୍ଷେପଣାସ୍ତ୍ରର ଓଜନ ୧୭ ହଜାର କିଲୋଗ୍ରାମ ହୋଇଥିବା ବେଳେ ଲମ୍ବ ୨୦ ମିଟର ଓ ଏହା ୮୦୦ କିଲୋଗ୍ରାମର ଉଭୟ ପାରାମ୍ପରିକ ଓ ଆଣବିକ ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରଖିଛି ବୋଲି ମନ୍ତ୍ରଣାଳୟ କହିଛି ।

## ଗଣେଶ ପୂଜା

ଦେଶବ୍ୟାପୀ ଆଜି ଗଣେଶ ଚତୁର୍ଥୀ ବା ବିନାୟକ ଉତ୍ସବ  ପାଳନ କରାଯାଉଛି । ଜ୍ଞାନ, ସମୃଦ୍ଧି ଏବଂ ସୌଭାଗ୍ୟର ପ୍ରତୀକ  ପ୍ରଭୁ ଗଣେଶଙ୍କର ଆଜି ଜନ୍ମୋତ୍ସବ ପାଳନ କରାଯାଉଛି । ଆଜିଠାରୁ ଦେଶର ବିଭିନ୍ନ ସ୍ଥାନରେ ପ୍ରଭୁ ଗଣେଶଙ୍କର ପ୍ରତିମୂର୍ତ୍ତିକୁ ଘରେ ସ୍ଥାପନ କରି ଶ୍ରଦ୍ଧାଳୁମାନେ ୧୦ ଦିନ ଧରି ପୂଜା କରିଥାନ୍ତି । ୧୦ ଦିନ ପରେ ଶ୍ରୀଗଣେଶଙ୍କ ପ୍ରତିମୂର୍ତ୍ତିକୁ ଶୋଭାଯାତ୍ରାରେ ନିଆଯାଇ ଜଳରେ ବିସର୍ଜନ କରାଯାଏ । ତେବେ ମହାରାଷ୍ଟ୍ରରେ ଆଡ଼ମ୍ବର ସହକାରେ ଗଣେଶ ଚତୁର୍ଥୀ ପର୍ବ ପାଳନ କରାଯାଇଥାଏ ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଣେଶ ଚତୁର୍ଥୀ ଅବସରରେ ଦେଶବାସୀଙ୍କୁ ଅଭିନନ୍ଦନ ଜଣାଇ ଏକ ବାର୍ତ୍ତାରେ କହିଛନ୍ତି ଏହି ପର୍ବ ସାମାଜିକ ସଦ୍‌ଭାବନା ଏବଂ ଭାଇଚାରାର ପ୍ରତୀକ ଅଟେ । ଏକ ଶାନ୍ତିପୂର୍ଣ୍ଣ

ତଥା ସମୃଦ୍ଧ ଭାରତ ଗଠନ କରିବା ଦିଗରେ ମିଳିତ ପ୍ରୟାସ କରିବା ଲାଗି ଏହି ଅବସରରେ ରାଷ୍ଟ୍ରପତି ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ପ୍ରଭୁ ଗଣେଶ ଭାରତୀୟମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି ବୋଲି ନିଜ ବାର୍ତ୍ତାରେ କହିଛନ୍ତି । ବିଘ୍ନ ବିନାଶକ ଶ୍ରୀଗଣେଶ ଆମ ଜୀବନରେ ସମସ୍ତ ସମସ୍ୟାକୁ ସାହସର ସହ ଅତିକ୍ରମ କରିବାକୁ ପ୍ରେରଣା ଦେଇଥାନ୍ତି ବୋଲି ଉପରାଷ୍ଟ୍ରପତି କହିଛନ୍ତି ।

## ବିଏସ୍ଏଫ୍-ବିଜିବି

ବାଂଲାଦେଶରେ ସାଂପ୍ରତିକ ରାଜନୈତିକ ସ୍ଥିତିକୁ ଦୃଷ୍ଟିରେ ରଖି ସେ ଦେଶର ନାଗରିକମାନେ ଯେଭଳି ବେଆଇନ ଭାବେ ଭାରତ ମଧ୍ୟକୁ ପ୍ରବେଶ ନ କରିପାରିବେ, ସେ ଦିଗରେ ଯତ୍ନବାନ ହେବାକୁ ସୀମା ସୁରକ୍ଷା ବାହିନୀ-ବିଏସଏଫ୍ ବାଂଲାଦେଶ ସୀମା ସୁରକ୍ଷା ବାହିନୀ-ବିଜିବି କୁ କହିଛି । ଉଭୟ ଦେଶର ସୀମା ସୁରକ୍ଷା ବାହିନୀ ମଧ୍ୟରେ ଭାରତ-ବାଂଲାଦେଶ ସୀମା ସ୍ଥିତି ସଂପର୍କରେ ଇତିମଧ୍ୟରେ ବୈଠକ ଅନୁଷ୍ଠିତ ହୋଇଯାଇଛି । ବାଂଲାଦେଶର ସଂଖ୍ୟାଲଘୁ ସଂପ୍ରଦାୟ ଭାବେ ଭାରତୀୟ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ଦିଗରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି ବୋଲି ବିଜିବି ଏହି ବୈଠକରେ ପ୍ରତିଶ୍ରୁତି ଦେଇଛି। ଏ ସଂପର୍କରେ ବିଏସଏଫ୍ ପକ୍ଷରୁ ଜାରି କରାଯାଇଥିବା ଏକ ବିବୃତିରେ କୁହାଯାଇଛି ଭାରତ-ବାଂଲାଦେଶ ସୀମାରେ ସ୍ଥିତି ଶାନ୍ତିପୂର୍ଣ୍ଣ ରହିଛି ।

ସୀମା ନିକଟରେ ରହୁଥିବା ଜନସାଧାରଣ ତଥା ଆନ୍ତର୍ଜାତିକ ସୀମାର ସୁରକ୍ଷା ବାଜୟ ରଖିବା ଦିଗରେ ବିଏସ୍ଏଫ୍ ପ୍ରତିଶ୍ରୁତିବଦ୍ଧ । ବିଏସଏଫ୍ ଯବାନମାନେ ସମନ୍ୱିତ ସୀମା ପରିଚାଳନା ଯୋଜନାକୁ ଦୃଷ୍ଟିରେ ରଖି ବାଂଲାଦେଶ ସୀମା ସୁରକ୍ଷା ବାହିନୀ ସହଯୋଗରେ ଆନ୍ତର୍ଜାତିକ ସୀମା ରକ୍ଷା ଦିଗରେ ଅନବରତ କାର୍ଯ୍ୟ କରୁଛନ୍ତି ।  ଏତଦ୍‌ବ୍ୟତୀତ ଏହି ସୀମାରେ ରହୁଥିବା ଭାରତୀୟ ଗ୍ରାମବାସୀଙ୍କୁ ନେଇ ସମନ୍ୱିତ ବୈଠକ କରାଯାଉଛି ବୋଲି ଏହି ବିବୃତିରେ କୁହାଯାଇଛି ।

# ତ୍ରିପୁରା-ଫ୍ଲଡ

ତ୍ରିପୁରା ମୁଖ୍ୟମନ୍ତ୍ରୀ ଡକ୍ଟର ମାଣିକ ଶାହା ରାଜ୍ୟର ବନ୍ୟା ପ୍ରଭାବିତ ଅଞ୍ଚଳ ଲାଗି ୫୬୪ କୋଟି ଟଙ୍କାର ଏକ ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜ୍ ଘୋଷଣା କରିଛନ୍ତି । ଗତକାଲି ରାଜ୍ୟ ବିଧାନସଭାରେ ଡକ୍ଟର ଶାହାଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ପ୍ରାଥମିକ ଆକଳନ ଅନୁଯାୟୀ ବନ୍ୟା କ୍ଷୟକ୍ଷତି ୧୪ ହଜାର ୨୪୭ କୋଟି ଟଙ୍କା ହୋଇଥିବା ଜଣାଯାଇଛି । ତେବେ ପ୍ରକୃତ ଆକଳନର ରିପୋର୍ଟ ଆସିବା ପରେ ରାଜ୍ୟ ସରକାର ରିଲିଫ୍ ଏବଂ ପୁନର୍ବାସ ଲାଗି ଅତିରିକ୍ତ ପାଣ୍ଠି ଯୋଗାଇଦେବାକୁ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ଅନୁରୋଧ କରିବେ । ଏହି ସ୍ୱତନ୍ତ୍ର ରିଲିଫ୍ ପ୍ୟାକେଜର ଅର୍ଥ ରାଜ୍ୟ ସରକାରଙ୍କ ପାଣ୍ଠିରୁ ବ୍ୟୟବରାଦ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ଡକ୍ଟର ଶାହା କହିଛନ୍ତି ।

## ଟିବି- ଟ୍ରିଟ୍‌ମେଣ୍ଟ

ଦେଶରେ ଯକ୍ଷ୍ମାରୋଗକୁ ମୂଳୋତ୍ପାଟନ କରିବା ପାଇଁ ପ୍ରଭାବଶାଳୀ ଚିକିତ୍ସା ପଦ୍ଧତି ପ୍ରଚଳନକୁ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁମୋଦନ କରିଛି।

ବି.ପି.ଏ.ଏଲ.ଏମ୍ ପଦ୍ଧତିରେ ଏହାର ବିକଳ୍ପ ଚିକିତ୍ସା କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଦେଶରେ ଯକ୍ଷ୍ମା ନିରାକରଣ ନିମନ୍ତେ ଜାତୀୟ ଲକ୍ଷ୍ୟ ହାସଲ କରିବା ପାଇଁ ଏହି ପଦକ୍ଷେପ ଯଥେଷ୍ଟ ଫଳପ୍ରଦ ହେବ ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଆଶା ପ୍ରକାଶ କରିଛି।

## ୟୁପି-ଆକ୍ସିଡେଣ୍ଟ

ଉତ୍ତରପ୍ରଦେଶର ହାଥ୍ରସ ଜିଲ୍ଲାରେ ଗତକାଲି ଏକ ସଡ଼କ ଦୁର୍ଘଟଣାରେ ୪ ଜଣ ଶିଶୁଙ୍କ ସମେତ୧୨ ଜଣଙ୍କର ମୃତ୍ୟୁ ହୋଇଛି । ଅନ୍ୟ ୧୬ ଜଣ ଏଥିରେ ଆହତ ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି । ଆକାଶବାଣୀ ସମ୍ବାଦ ବିଭାଗକୁ ଏ ସଂପର୍କରେ ସୂଚନା ଦେଇ ହାଥ୍ରସ ଜିଲ୍ଲାପାଳ କହିଛନ୍ତି ୯୩ ନମ୍ବର ଜାତୀୟ ରାଜପଥର ଚାନ୍ଦପା ପୋଲିସ୍ ଥାନା ଅଧୀନସ୍ଥ ମିତାଇ ଗ୍ରାମ ନିକଟରେ ଏହି ଦୁର୍ଘଟଣା ଘଟିଛି ।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ଦୁର୍ଘଟଣାରେ ଶୋକ ପ୍ରକାଶ କରି ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ ମୃତକଙ୍କ ପରିବାର ପ୍ରତି

ସମବେଦନା ଜ୍ଞାପନ କରିଛନ୍ତି । ଏଥିସହିତ ଆହତମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି ।

ସେହିଭଳି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାକୁ ଅତ୍ୟନ୍ତ ଯନ୍ତ୍ରଣାଦାୟକ ଭାବେ ଅଭିହିତ କରି ସାମାଜିକ ଗଣମାଧ୍ୟମର ଏକ ପୋଷ୍ଟରେ କହିଛନ୍ତି ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ସ୍ଥାନୀୟ ପ୍ରଶାସନ ପ୍ରଭାବିତ ବ୍ୟକ୍ତିଙ୍କୁ ସବୁ ପ୍ରକାର ସାହାଯ୍ୟ ଓ ସହଯୋଗ ଯୋଗାଇ ଦେଉଛନ୍ତି । ମୃତକଙ୍କ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇବା ସହ ୨ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି । ଏଥିସହିତ ପ୍ରତ୍ୟେକ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଘୋଷଣା କରିଛନ୍ତି । ଅନ୍ୟପକ୍ଷରେ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏହି ଦୁର୍ଘଟଣାରେ ମୃତକଙ୍କ ଆତ୍ମୀୟ ସ୍ୱଜନଙ୍କ ଲାଗି ୨ ଲକ୍ଷ ଟଙ୍କା ଲେଖାଏଁ ଏବଂ ଆହତଙ୍କ ଲାଗି ୫୦ ହଜାର ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## କୁସ୍ତି

ସ୍ପେନ୍‌ର ପୋଣ୍ଟେଭେଡ୍ରା ଠାରେ ଅନୁଷ୍ଠିତ ୨୦ ବର୍ଷରୁ କମ୍ ବିଶ୍ୱ କୁସ୍ତି ପ୍ରତିଯୋଗିତାର ମହିଳା ୬୨ କିଲୋଗ୍ରାମ ଫ୍ରିଷ୍ଟାଇଲ୍ ବର୍ଗରେ ଭାରତର ନୀତିକା ରୌପ୍ୟ ପଦକ ହାସଲ କରିଛନ୍ତି । ଗତକାଲି ଅନୁଷ୍ଠିତ

ଫାଇନାଲ୍ ମ୍ୟାଚ୍‌ରେ ନୀତିକା ୟୁକ୍ରେନ୍‌ର ଇରିନା ବନ୍ଦାରଙ୍କ ଠାରୁ ୧-୪ରେ ପରାସ୍ତ ହୋଇଛନ୍ତି । ଏହି ପ୍ରତିଯୋଗିତାରେ ଭାରତ ବର୍ତ୍ତମାନ ସୁଦ୍ଧା ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି ବ୍ରୋଞ୍ଜ ସହ ମୋଟ୍ ୫ଟି ପଦକ ହାସଲ କରିଛି ।

ଗତବର୍ଷ ନୀତିକା ୨୦ ବର୍ଷରୁ କମ୍ ଏସୀୟ କୁସ୍ତି ପ୍ରତିଯୋଗିତାରେ ସ୍ୱର୍ଣ୍ଣପଦକ ହାସଲ କରିଥିଲେ ।